# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**19 July - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ପୁରୀ ଶ୍ରୀକ୍ଷେତ୍ରରେ ଆଜି ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ନୀତି

— ଆସନ୍ତାକାଲିଠାରୁ ଭକ୍ତମାନଙ୍କୁ ମିଳିବ ନୀଳାଚଳ ଅବଢ଼ା

- ପୁରୀରେ ଅନୁଷ୍ଠିତ ହେଉଛି ରାଜ୍ୟ ବିଜେପିର ଦୁଇଦିନିଆ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

— ଉଦ୍‌ଘାଟନ କରିବେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା

- ସପ୍ତଦଶ ବିଧାନସଭାର ଆଗାମୀ ଅଧିବେଶନ ପୂର୍ବରୁ ଆସନ୍ତା ୨୧ରେ ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ

- ଧାର୍ମିକ ଓ ସାଂସ୍କୃତି ମୂଲ୍ୟବୋଧ ବହନ କରୁଥିବା ଅନନ୍ୟ ପରମ୍ପରାକୁ ନେଇ ଆଜି ପାଳିତ ହେଉଛି ରସଗୋଲା ଦିବସ

ଏବଂ

- ରାଜ୍ୟରେ ଲଘୁଚାପ ପ୍ରଭାବରେ ବର୍ଷା ଜାରି;

— ସତର୍କ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ରିଲିଫ କମିଶନର

## ନୀଳାଦ୍ରି ବିଜେ

ପୁରୀ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ । ରଥଯାତ୍ରାର ଆଜି ଶେଷ ଦିନରେ ତିନି ଠାକୁର ରତ୍ନବେଦୀକୁ ବିଜେ କରିବେ। ଆସନ୍ତାକାଲିଠାରୁ ଭକ୍ତମାନଙ୍କୁ ନୀଳାଚଳ ଅବଢ଼ା ମିଳିବ। ନୀଳାଦ୍ରି ବିଜେ ସମ୍ପର୍କରେ ପୁରୀରୁ ଆମ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ କହିଛନ୍ତି.....

**- V/O -**

## ଜେ.ପି.ନଡ୍ଡା-ପୁରୀ ଗସ୍ତ

ରାଜ୍ୟ ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକକୁ ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା ଉଦ୍‌ଘାଟନ କରିବେ। ଇତିମଧ୍ୟରେ ଶ୍ରୀ ନଡ୍ଡା ଭୁବନେଶ୍ୱରରେ ପହଂଚିଥିବା ଜଣାପଡିଛି। ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମାଲ୍ ଓ ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ

ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ସାଂସଦ ଓ ବିଧାୟକ ଏବଂ  ବିଭିନ୍ନ ପଦାଧିକାରୀମାନେ ଯୋଗଦେବେ।

ଆଜି ସକାଳେ ରାଜ୍ୟର ସାମ୍ପ୍ରତିକ, ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆଜି ପୁରୀଠାରେ ବିଜେପିର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି।  ବୈଠକର ପ୍ରଥମାର୍ଦ୍ଧରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପଦାଧିକାରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକାରିଣୀ ବୈଠକରେ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ।

## ସର୍ବଦଳୀୟ ବୈଠକ

ସପ୍ତଦଶ ବିଧାନସଭାର ଅଧିବେଶନ ପୂର୍ବରୁ ଆସନ୍ତା ୨୧ ତାରିଖରେ ବିଧାନସଭାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ଣ ୧୧ଟାରେ ବୈଠକ ବସିବ। ବଜେଟ୍ ଅଧିବେଶନକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ କାମନା କରିବେ। ବୈଠକ ପୂର୍ବରୁ ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ଉପମୁଖ୍ୟ ସଚେତକ ନିଯୁକ୍ତ ହେବେ। ସେହିପରି ଆସନ୍ତା ୨୩ ତାରିଖରେ ଉପବାଚସ୍ପତି ପଦ ଲାଗି ନାମାଙ୍କନ ହେବ। ସେହିଦିନ

୧୨ଟା ସୁଦ୍ଧା ନାମାଙ୍କନପତ୍ର ଦାଖଲ ହେବ ଏବଂ ୨୪ ତାରିଖରେ ଫଳାଫଳ ଘୋଷଣା କରାଯିବ।

ସୂଚନାଯୋଗ୍ୟ, ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ । ଆସନ୍ତା ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ହେବ । ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱର ଲୋକସେବା ଭବନରେ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ଚିଠା ବଜେଟ୍ ଗୃହୀତ ହୋଇଛି । ବଜେଟ୍‌ରେ ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ ଏବଂ ପୁରୀ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ପାଇଁ ୫୦୦କୋଟି ଟଙ୍କାର କର୍ପସ ପାଣ୍ଠି ପାଇଁ ବ୍ୟବସ୍ଥା କରାଯାଇଥିବାର ଜଣାଯାଇଛି ।

## ରସଗୋଲା ଦିବସ

ଓଡ଼ିଶାର ମିଷ୍ଟାନ୍ନଗୁଡ଼ିକ ମଧ୍ୟରେ ରସଗୋଲା ଗୁରୁତ୍ୱ ବହନ କରିଥାଏ। ଏହାର ସମ୍ବନ୍ଧ ଭାରତୀୟ ଧର୍ମ, ସଂସ୍କୃତି ଓ ପରାମ୍ପରା ସହ ଜଡିତ। ରସଗୋଲାର ପରମ୍ପରା ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ରଥଯାତ୍ରା ସହ ଜଡିତ ହୋଇଥିବାରୁ ପ୍ରତିବର୍ଷ ଆଜିର ଦିନରେ ରସଗୋଲା ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ରଥଯାତ୍ରାର ଶେଷ ନୀତି ନୀଳାଦ୍ରି ବିଜେ ଅବସରରେ ଏହି ଦିବସ ପାଳନ କରାଯାଇଥାଏ।

ସୂଚନାଯୋଗ୍ୟ, ୨୦୧୫ ମସିହା ଜୁଲାଇ ମାସ ୩୦ ତାରିଖରୁ ଏହା ପ୍ରଥମେ ଆରମ୍ଭ ହୋଇଥିଲା ଏବଂ ୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳାଦ୍ରି ବିଜେ ଓ ରସଗୋଲା ଦିବସ ଅବସରରେ ସାମାଜିକ ଗଣମାଧ୍ୟମ ଜରିଆରେ  ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମ ଏକ୍ସରେ କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପରମ୍ପରା ନୀଳାଦ୍ରି ବିଜେ ଏବଂ ତା' ସହିତ ଜଡିତ ରସଗୋଲା ଦିବସ ଅବସରରେ ଶୁଭେଚ୍ଛା ଜଣାଇବା ସହ ଶ୍ରୀବିଗ୍ରହଙ୍କ ପାଖରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ-ପୁସ୍ତକ ଉନ୍ମୋଚନ

ପୁରାତନ ଏବଂ ପ୍ରାସଙ୍ଗିକ ଓଡ଼ିଆ ପୁସ୍ତକକୁ ବିଶ୍ୱ ଦରବାରରେ ଲୋକାଦୃତ କରାଇବା ସହ ଏକ ସକାରାତ୍ମକ ସମାଜ ଗଠନ ଦିଗରେ ଏହା ସହାୟକ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଗତକାଲି ଭୁବନେଶ୍ୱରଠାରେ ଆୟୋଜିତ  କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଇଂରାଜୀ ଅନୁବାଦ ପୁସ୍ତକ ଉନ୍ମୋଚନ ଉତ୍ସବ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରୁଥିବାବେଳେ ପୁରାତନ ଓ ପ୍ରାସଙ୍ଗିକ ଓଡ଼ିଆ ସାହିତ୍ୟ ଓ ପୁସ୍ତକଗୁଡ଼ିକୁ ଏଆଇ, ଡିଜିଟାଇଜେସନ୍ ଏବଂ ଟେକ୍ନୋଲୋଜୀ ମାଧ୍ୟମରେ ବିଶ୍ୱରେ ଲୋକାଦୃତ କରିବାକୁ ହେବ । ସେ କହିଛନ୍ତି, ଓଡ଼ିଆ ଭାଷା ଓ

ସାହିତ୍ୟକୁ ସମଗ୍ର ଦେଶ ତଥା ବିଶ୍ୱରେ ଲୋକପ୍ରିୟ କରିବାର ସଂକଳ୍ପ ଆମ ସମସ୍ତଙ୍କୁ ନେବାକୁ ହେବ। ତେଣୁ ଏଭଳି ଏକ ମହାନ ରଚନାର ଇଂରାଜୀ ଅନୁବାଦ ଫଳରେ ଏଣିକି ସମଗ୍ର ବିଶ୍ୱର ପାଠକ-ପାଠିକା ଓ ସାହିତ୍ୟିକଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ଆଗ୍ରହ ଓ ରୁଚି ବହୁଗୁଣିତ ହେବ। ଏହି ଅବସରରେ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପୁସ୍ତକକୁ ସମସ୍ତ ଭାରତୀୟ ଭାଷାରେ ଅନୁବାଦ କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

## ପିଏମ୍ ବିଶ୍ୱକର୍ମା

**ଗଞ୍ଜାମ** ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଯୁବଗୋଷ୍ଠି ସ୍ୱାବଲମ୍ବୀ ହେବାରେ ସକ୍ଷମ ହୋଇପାରୁଛନ୍ତି ବୋଲି ଓସଓ୍ୱାନ ଦ୍ୱାରା ଆୟୋଜିତ ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାର ଯୁବବର୍ଗ ଅଣୁ, କ୍ଷୁଦ୍ର ଓ  ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଆବେଦନ ଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରାଯାଇଛି। ବିଶେଷକରି ଯୁବକମାନେ କ୍ଷୁଦ୍ର ଶିଳ୍ପାନୁଷ୍ଠାନମାନ ସ୍ଥାପନ କରି ବଜାର ଚାହିଦାର ଆବଶ୍ୟକତାକୁ ମେଣ୍ଟାଇପାରୁଛନ୍ତି। ଗ୍ରାମାଞ୍ଚଳ ସମେତ ସହରାଞ୍ଚଳଗୁଡିକରେ ଏହି ଅଣୁ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

ସୂଚନାଯୋଗ୍ୟ, ୨୦୨୪ ସୁଦ୍ଧା ୪୫ ହଜାର ୫୧୧ ଜଣ ପ୍ରାର୍ଥୀ ଏହି ଯୋଜନାରେ ଆବେଦନ କରିଥିଲେ। ସେଥିମଧ୍ୟରୁ ୧୧ ହଜାର ୨୩୦

ଆବେଦନ ଯାଞ୍ଚ ହୋଇସାରିଛି । ୩୪ ହଜାର ୨୪୨ଟି ଆବେଦନଗୁଡିକର ଯାଞ୍ଚ ପ୍ରକ୍ରିୟା ଚାଲିଛି ।

## ସ୍ୱଚ୍ଛତା ସଚେତନତା

**ନୂଆପଡ଼ା** ଜିଲ୍ଲା ଖଡିଆଳ ଉପକାରାଗାର ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ୱଚ୍ଛତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ନବନିତା ଦାସ, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧିକ୍ଷକ ତଥା ଉପ-କାରାଗାର ତଦାରଖ ସମିତି ସଦସ୍ୟ ଡ.ଫାନିନ୍ଦମ୍ ଦେଓ ପ୍ରମୁଖ ଯୋଗ ଦେଇଥିଲେ । କାରାଗାରରେ ଉପଯୁକ୍ତ ଆନୁସଙ୍ଗିକ ବ୍ୟବସ୍ଥା ଏବଂ ସ୍ୱଚ୍ଛତା ସମ୍ପର୍କରେ ଅନ୍ତେବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ ।

ପ୍ରତ୍ୟେକ ମାସରେ ଉପ-କାରାଗାରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା, ସହାୟତା ପ୍ରଦାନ କରିବା ସହ ଅନ୍ତେବାସୀଙ୍କୁ ଶିକ୍ଷା ଏବଂ ଅଧ୍ୟୟନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ବିଚାରାଧୀନ ଅନ୍ତେବାସୀଙ୍କ ଶିଶୁକନ୍ୟାଙ୍କୁ ଅଙ୍ଗନୱାଡ଼ିକୁ ପଠାଇବା ବ୍ୟବସ୍ଥା କରିବାକୁ କୁହାଯାଇଥିବା ଜଣାପଡିଛି ।

## ଡେଙ୍ଗୁ ନିରାକରଣ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସ୍ୱତନ୍ତ୍ର ଡେଙ୍ଗୁ ନିରାକରଣ ସଚେତନତା ଓ ବସ୍ତି ସଫେଇ କାର୍ଯ୍ୟକ୍ରମ ଦୀର୍ଘ ୧ ମାସ ବ୍ୟାପୀ ବିଭିନ୍ନ ୱାର୍ଡରେ ଜାରି ରହିଛି । ଆସନ୍ତା ମାସ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଡେପୁଟି ମେୟର ବିବେକ ରେଡ୍ଡୀ ସୂଚନା ଦେଇଛନ୍ତି। ପ୍ରତିଦିନ ୱାର୍ଡରେ ସଚେତନତା ରାଲି କରାଯିବା ସହ ଡାଇରିଆ ନିରାକରଣ ପାଇଁ ଓ.ଆର୍.ଏସ. ବଣ୍ଟନ କରାଯାଉଛି। ଆଜିଠାରୁ ଘର ଘର ବୁଲି ସଚେତନ ନେଇ ପ୍ରଚାର ପତ୍ର ବଣ୍ଟନ କରାଯାଉଛି। ମେୟର ସଂଘମିତ୍ରା ଦଳାଇ, ପ୍ରତ୍ୟେକ ୱାର୍ଡର  କର୍ପୋରେଟର, ଏ.ଏନ୍.ଏମ୍., ଆଶାଦିଦି, ସାନିଟେସନ ଇନ୍ସପେକ୍ଟର ଏବଂ ଆଇ.ଏଫ୍.ଡବ୍ଲ୍ୟୁ. ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଗାମୀ ସଂସ୍କରଣ ପାଇଁ ମିଳିଥିବା ପ୍ରସ୍ତାବକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି । ଚଳିତମାସ ୨୮ ତାରିଖରେ ମନ୍ କି ବାତ୍‌ର ଆଗାମୀ ସଂସ୍କରଣ ପ୍ରସାରଣ ହେବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଗାମୀ ମନ୍ କି ବାତ୍ କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ମିଳିଛି । ଏହି ପ୍ରସ୍ତାବ ଗୁଡ଼ିକ ମଧ୍ୟରେ ସାମୁହିକ ପ୍ରୟାସ ସମେତ ସମାଜରେ

ପରିବର୍ତ୍ତନ ଆଣିବା ଲାଗି ଯୁବଗୋଷ୍ଠୀ ଠାରୁ ମିଳିଥିବା ପ୍ରସ୍ତାବ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ନିଜର ପ୍ରସ୍ତାବ ମାଇଁ ଗଭ୍ ଓ ନମୋ ଆପ୍‌ରେ ପଠାଇବା ସହ ୧୮୦୦-୧୧୭-୮୦୦ ନମ୍ବରରେ ଭଏସ୍ ମେସେଜ୍ ରେକର୍ଡ କରାଇବା ପାଇଁ ଆହ୍ୱାନ ଦେଇଛନ୍ତି ।

## ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି ।ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଲଘୁଚାପଟି ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୪ଦିନ  ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପୂର୍ବାନୁମାନ କରିଛି।

ସୂଚନା ଅନୁସାରେ, ଆଜି ୩ଟି ଜିଲ୍ଲା କଳାହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାରେ ଅତିପ୍ରବଳ ବର୍ଷା  ଏବଂ ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।  ଲଘୁଚାପ ପ୍ରଭାବରେ ଆସନ୍ତାକାଲିଠାରୁ ଓଡ଼ିଶା ଉପକୂଳ ଏବଂ ସଲଗ୍ନ ଉତ୍ତର ବଙ୍ଗୋପସାଗରରେ ଘଣ୍ଟାପ୍ରତି ୪୦ ରୁ ୫୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ରହିଛି। ସମ୍ଭାବ୍ୟ ସ୍ଥିତିକୁ

ଦୃଷ୍ଟିରେ ରଖି ପ୍ରଭାବିତ ଆଶଙ୍କା ଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର ନିର୍ଦ୍ଦେଶ ଦେଇଛନ୍ତି ।

*********************************